# ବ୍ୟାସନଗର ପୌର ପାଳିକା କାର୍ଯ୍ୟାଳୟ, ବ୍ୟାସନଗର

ବିଜ୍ଞାପନ ସଂଖ୍ୟା ୨୯୨ / ତାରିଖ ୨୦.୦୧.୨୦୨୩

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା.୦୧.୦୨.୨୦୨୩ରିଖ ଠାରୁ ତା.୧୧.୦୨.୨୦୨୩ରିଖ ପର୍ଯ୍ୟନ୍ତ ୧୧ ଦିନ ପାଇଁ ପୁରାଣ ପ୍ରସିଦ୍ଧ ବ୍ୟାସ ସରୋବର ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଅଛି। ଏହି ମେଳାରେ ଦୁଇ ଗୋଟି ଷ୍ଟାଣ୍ଡ (ସାଇକେଲ୍, ରିକ୍ସା, ମଟର ସାଇକେଲ୍, ତିନି ଚକିଆ ଯାନ, ଚାରଚକିଆ ଯାନ) ପାଇଁ ଯୋଉମୁଦ ଥିବା କୋଟେସନ୍ ମାଧ୍ୟମରେ ନିଲାମ କରାଯିବ। ତା.୨୭.୦୧.୨୦୨୩ ରିଖ ପୂର୍ବାହ୍ନ ଘ.୧୧.୩୦ମି. ସମୟରେ ବାକ୍ସରେ ଟେଣ୍ଡର ପକାଇଥିବା ବ୍ୟକ୍ତି ମାନଙ୍କ ଉପସ୍ଥିତିରେ ଖୋଲାଯିବ। ଏଥିପାଇଁ ସର୍ବନିମ୍ନ ସରକାରୀ ଧାର୍ଯ୍ୟ ମୂଲ୍ୟ ଟ.୬,୧୦,୦୦୦/- ( ଛଅ ଲକ୍ଷ ଦଶ ହଜାର ଟଙ୍କା ମାତ୍ର)ରଖାଯାଇଛି। ଇଚ୍ଛୁକ ବ୍ୟକ୍ତିମାନେ ଏହି ନିଲାମ ପାଇଁ ତା.୨୧.୦୧.୨୦୨୩ରିଖ ଠାରୁ ତା.୨୬.୦୧.୨୦୨୩ ରିଖ ମଧ୍ୟରେ କାର୍ଯ୍ୟାଳୟର କାର୍ଯ୍ୟଦିବସରେ କ୍ୟାସିୟରଙ୍କ ଠାରୁ ଟ.୫୦୦/- (ପାଂଚ ଶହ ଟଙ୍କା ମାତ୍ର) ବିନିମୟରେ ଆବଶ୍ୟକୀୟ କାଗଜପତ୍ର ଗ୍ରହଣ କରି ପାରିବେ। ସାଇକେଲ୍ ଷ୍ଟାଣ୍ଡ ପାଇଁ ଟ.୨୫,୦୦୦/-(ପଚିଶି ହଜାର ଟଙ୍କା ମାତ୍ର)ଅମାନତ ରାଶି ରଖାଯାଇଛି। କୋଟେସନ୍ ସହିତ ଅମାନତ ରାଶିର ବ୍ୟାଙ୍କ୍ ଡ୍ରାଫ୍ଟ ଦାଖଲ କରିବେ, ଅନ୍ୟଥା ସଂପୃକ୍ତ କୋଟେସନକୁ ଅଗ୍ରାହ୍ୟ କରି ଦିଆଯିବ। ଏଥିସହିତ ନିମ୍ନଲିଖିତ ନିୟମାବଳୀ ପାଳନ କରିବେ ।

୧. ଯେଉଁ ବ୍ୟକ୍ତି ବିଶେଷଙ୍କ ନାମରେ କୋଟେସନଟି ଧାର୍ଯ୍ୟ ହେବ ସେ ନିଜ ଖର୍ଚ୍ଚରେ ସାଇକେଲ, ରିକ୍ସା, ମୋଟର ସାଇକେଲ୍ , ତିନି ଚକିଆ ଯାନ, ଚାରିଚକିଆ ଯାନ, ଷ୍ଟାଣ୍ଡ ନିର୍ମାଣ ଏବଂ ଆବଶ୍ୟକୀୟ ରସିଦ୍ ଇତ୍ୟାଦି କରାଇବେ। ପରିଷଦର ନିଷ୍ପତି ଅନୁଯାୟୀ ସାଇକେଲ, ରିକ୍ସା ପ୍ରତି ଟ.୧୦/-, ଦୁଇଚକିଆ ମଟରଗାଡ଼ି ପ୍ରତି ଟ.୨୦/-, ତିନି ଚକିଆ ଯାନ ପ୍ରତି ଟ.୩୦/-, ଚାରି ଚକିଆ ଯାନ ପ୍ରତି ଟ.୪୦/- ଲେଖାଁଏ ଆଦାୟ କରିବେ।

୨. ମେଳା ଦାୟିତ୍ୱରେ ଥିବା ପୌର କର୍ମଚାରୀ/ଦାୟିତ୍ୱରେ ଥିବା ଅଫିସର, ସାମ୍ବାଦିକ, ଏବଂ ଷ୍ଟଲ୍ ବ୍ୟକ୍ତି ବିଶେଷ ମାନଙ୍କ ଠାରୁ କୌଣସି ଷ୍ଟାଣ୍ଡ ଫି ଆଦାୟ କରି ପାରିବେ ନାହିଁ।

୩. ଉପରୋକ୍ତ ଫିସର ହାର ନିଲାମଧାରୀ ନିଜ ଖର୍ଚ୍ଚରେ ଷ୍ଟାଣ୍ଡ ନିକଟରେ ଏକ ବୋର୍ଡ଼ରେ ସର୍ବସାଧରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଇବେ।

୪. ତା.୦୧.୦୨.୨୦୨୩ରିଖ ଦିନ ଏକାଦଶୀ ତିଥି ଓ ବ୍ୟାସ ସରୋବର ମହୋତ୍ସବ ଉଦଘାଟନୀ ଉତ୍ସବ ଥିବାରୁ କୌଣସି ବ୍ୟକ୍ତି ବିଶେଷଙ୍କ ଠାରୁ ସାଇକେଲ୍, ମଟର ସାଇକେଲ, ଚାରିଚକିଆ ଯାନ ଠାରୁ ଫି ଆଦାୟ କରାଯିବ ନାହିଁ।

୫. ଯେଉଁ ବ୍ୟକ୍ତି ବିଶେଷଙ୍କ କୋଟେସନ୍ ସର୍ବାଧିକ ହେବ ସେ ସଙ୍ଗେ ସଙ୍ଗେ ସଂପୂର୍ଣ୍ଣ ଧାର୍ଯ୍ୟ ଦେୟ ପୈଠ କରି ରସିଦ୍ ଗ୍ରହଣ କରିବେ। ନଚେତ୍ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରାଯିବ ଏବଂ ଦ୍ୱିତୀୟ ସର୍ବାଧିକ କୋଟେସନ୍ ମୂଲ୍ୟ ବ୍ୟକ୍ତିଙ୍କୁ ସୁଯୋଗ ଦିଆଯିବା ସହିତ ସର୍ବାଧିକ ମୂଲ୍ୟ ବ୍ୟକ୍ତିଙ୍କୁ ଡ଼ିପୋଜିଟ୍ କରିବାକୁ ପଡ଼ିବ।

୬.ବ୍ୟାସ ସରୋବର ମହୋତ୍ସବ ସମୟରେ ଷ୍ଟାଣ୍ଡରେ ରଖାଯାଇଥିବା କୌଣସି ଯାନ ଚୋରୀ କିମ୍ବା କ୍ଷତି ହେଲେ ନିଲାମଧାରୀ ସେଥିପାଇଁ ଦାୟୀ ରହିବେ ଓ ଉକ୍ତ ସମ୍ବନ୍ଧୀୟ ଅର୍ଥ ଭରଣା କରିବେ।

୭. ଉପରୋକ୍ତ ସର୍ତ୍ତ ଖିଲାପ ହେଲେ ନିଲାମଧାରୀଙ୍କୁ ଦିଆଯାଇଥିବା କାର୍ଯ୍ୟାଦେଶକୁ ଅସିଦ୍ଧ ଘୋଷଣା କରିବା ସଙ୍ଗେ ସଙ୍ଗେ ସମସ୍ତ ଅର୍ଥକୁ ବାଜ୍ୟାପ୍ତି କରାଯିବ ଏବଂ ଆସନ୍ତା ୦୩ ବର୍ଷ ପାଇଁ ପୌର ପାଳିକାର କୌଣସି ନିଲାମରେ ସାମିଲ କରାଯିବ ନାହିଁ।

୮. ଧାର୍ଯ୍ୟ ତାରିଖ ଓ ସମୟ ପରେ କୌଣସି କୋଟେସନ୍ ଗ୍ରହଣ କରାଯିବ ନାହିଁ।

୯. କୌଣସି କାରଣ ନ ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀ ଯେ କୌଣସି କିମ୍ବା ସମସ୍ତ କୋଟେସନକୁ ରଦ୍ଦ କରି ପାରିବେ।

୨୦.୧.୨୩

ନିର୍ବାହୀ ଅଧିକାରୀ

ବ୍ୟାସନଗର ପୌର ପାଳିକା

ଜ୍ଞାପକ ସଂଖ୍ୟା......୨୯୩......(5)/ତାରିଖ...୨୦.୦୧.୨୦୨୩

ଏହାର ଏକକିତା ନକଲ ଅଫିସ୍ ନୋଟିସ୍ ବୋର୍ଡ଼ /ଜିଲ୍ଲାପାଳ, ଯାଜପୁର/ତହସିଲଦାର, ବ୍ୟାସନଗର/ଆଦର୍ଶ ଥାନା ଭାରପ୍ରାପ୍ତ ଅଧିକାରୀ, ଯାଜପୁର ରୋଡ଼/ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗନଗର /ସେକ୍ରେଟେରୀ, କଳିଙ୍ଗନଗର ଉନ୍ନୟନ କର୍ତୃପକ୍ଷ ବ୍ୟାସନଗରଙ୍କ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ଼ରେ ଲଗାଇବା ପାଇଁ ଅନୁରୋଧ କରାଗଲା ।

**ନିର୍ବାହୀ ଅଧିକାରୀ**
**ବ୍ୟାସନଗର ପୌର ପାଳିକା**

ଜ୍ଞାପକ ସଂଖ୍ୟା...୨୯୪...../ତାରିଖ...୨୦.୦୧.୨୦୨୩

ଏହାର ଏକକିତା ନକଲ ଡ଼ିଆଇଓ ଏନ୍‌ଆଇସି, ଯାଜପୁରଙ୍କୁ ପ୍ରେରଣ କରାଗଲା ଏବଂ ଜିଲ୍ଲା ୱେବସାଇଟ୍ www.jajpur.nic.in ର ପ୍ରକାଶନ କରିବା ପାଇଁ ଅନୁରୋଧ କରାଗଲା ।

**ନିର୍ବାହୀ ଅଧିକାରୀ**
**ବ୍ୟାସନଗର ପୌର ପାଳିକା**